# NATIONAL NEWS BULLETIN (ODIA)
## 01st January - 2026
## Morning Bulletin : 7.15 a.m.

********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଚନ୍ଦନ ଘୋଷ**

## ମୁଖ୍ୟ ସମ୍ବାଦ

- ସଂସ୍କାର ଗତିକୁ ବଜାୟ ରଖିବା ସହ ସେବା ପ୍ରଦାନ ପ୍ରକ୍ରିୟା ସୁନିଶ୍ଚିତ କରିବା ଦିଗରେ 'ପ୍ରଗତି'ର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି; କହିଲେ ପ୍ରଧାନମନ୍ତ୍ରୀ ।

- କେନ୍ଦ୍ର କ୍ୟାବିନେଟ୍ ଗତକାଲି ଅନୁମୋଦନ କରିଥିବା ୨ଟି ପ୍ରସ୍ତାବକୁ ସମାବେଶୀ ବିକାଶର ପ୍ରକଳ୍ପ ଭାବେ ଅଭିହିତ କରିଛନ୍ତି ପ୍ରଧାନମନ୍ତ୍ରୀ ।

- ଇଂରାଜୀ ନୂତନ ବର୍ଷ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି ।

- ୧୦୦ ମିଲିଗ୍ରାମ୍‌ରୁ ଊର୍ଦ୍ଧ୍ୱ ନିମେସୁଲାଇଡ୍ ଥିବା ବଟିକାର ଉତ୍ପାଦନ, ବିକ୍ରୟ ତଥା ବିତରଣ ଉପରେ ନିଷେଧାଦେଶ ଜାରି କଲେ କେନ୍ଦ୍ର ସରକାର ।

ଏବଂ

- ଓଡ଼ିଶା ସମେତ ଦେଶର ବିଭିନ୍ନ ସ୍ଥାନରେ ଆଜି ଘନକୁହୁଡ଼ି ଦେଖାନେବା ନେଇ ପାଣିପାଗ ବିଭାଗର ସତର୍କ ସୂଚନା ।

# ପି.ଏମ୍. - ପ୍ରଗତି

ସଂସ୍କାର ଗତିକୁ ବଜାୟ ରଖିବା ସହ ସେବା ପ୍ରଦାନ ପ୍ରକ୍ରିୟା ସୁନିଶ୍ଚିତ କରିବା ଦିଗରେ ସକ୍ରିୟ ପ୍ରଶାସନ ଏବଂ ସମୟାନୁବର୍ତ୍ତୀ କାର୍ଯ୍ୟାନ୍ୱୟନ - 'ପ୍ରଗତି'ର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମତବ୍ୟକ୍ତ କରିଛନ୍ତି । ଗତକାଲି ନୂଆଦିଲ୍ଲୀରେ ପ୍ରଗତିର ୫୦ତମ ବୈଠକରେ ଅଧ୍ୟକ୍ଷତା କରି ସେ ଏହା କହିଛନ୍ତି । ସେ କହିଛନ୍ତି, ଗତ ଏକ ଦଶନ୍ଧି ମଧ୍ୟରେ ପ୍ରଗତି ନେତୃତ୍ୱାଧୀନ ଇକୋବ୍ୟବସ୍ଥା ମାଧ୍ୟମରେ ଦେଶବ୍ୟାପୀ ୮୫ ଲକ୍ଷ କୋଟରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇପାରିଛି । ଦୀର୍ଘଦିନ ଧରି ଅଟକି ରହିଥିବା ପ୍ରକଳ୍ପଗୁଡ଼ିକୁ ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ଇତିମଧ୍ୟରେ ସମ୍ପନ୍ନ କରାଯାଇଛି ବୋଲି ସେ କହିଛନ୍ତି । ପ୍ରଗତି ଭଳି ବ୍ୟବସ୍ଥାକୁ ରାଜ୍ୟଗୁଡ଼ିକ ସାମାଜିକ କ୍ଷେତ୍ର ଲାଗି ଅଗ୍ରାଧିକାର ଭିତ୍ତିରେ ମୁଖ୍ୟ ସଚିବ ସ୍ତରରେ କାର୍ଯ୍ୟକାରୀ କରିବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ।

ଏହି ବୈଠକରେ ପ୍ରଧାନମନ୍ତ୍ରୀ’ ସଡ଼କ, ରେଳପଥ, ଶକ୍ତି, ଜଳସମ୍ବଳ ଏବଂ କୋଇଲା ସମେତ ୫ଟି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି । ୪୦ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ କରାଯାଉଛି । ସମୀକ୍ଷା ସମୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ପି.ଏମ୍.ଶ୍ରୀ ଯୋଜନାର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେଇଛନ୍ତି । ଭବିଷ୍ୟତ ବିଦ୍ୟାଳୟ ଶିକ୍ଷା ଲାଗି ଏହି ଯୋଜନା ଏକ ଜାତୀୟ ମାନଦଣ୍ଡ ହେବା ଉଚିତ ବୋଲି ସେ ମତବ୍ୟକ୍ତ କରିଛନ୍ତି । ଏହାର କାର୍ଯ୍ୟାନ୍ୱୟନ ଭିତ୍ତିଭୂମିକୈନ୍ଦ୍ରିକ ନ ହୋଇ ବରଂ ଫଳାଫଳ ଆଧାରରେ କରିବା ଲାଗି ଶ୍ରୀ ମୋଦି ପରାମର୍ଶ ଦେଇଛନ୍ତି । ପି.ଏମ୍.ଶ୍ରୀ ଯୋଜନାର କାର୍ଯ୍ୟକାରିତା ଉପରେ ସକ୍ରିୟ ଦୃଷ୍ଟି ରଖିବାକୁ ପ୍ରଧାନମନ୍ତ୍ରୀ ମୁଖ୍ୟ ଶାସନ ସଚିବମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସରକାରଙ୍କର ବରିଷ୍ଠ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରିବା ସହ ପି.ଏମ୍.ଶ୍ରୀ ବିଦ୍ୟାଳୟଗୁଡ଼ିକର କାର୍ଯ୍ୟଦକ୍ଷତାର ମୂଲ୍ୟାଙ୍କନ କରିବା ଲାଗି ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେବା ସହ ଏହି ପ୍ରକଳ୍ପ ରାଜ୍ୟର ଅନ୍ୟ ବିଦ୍ୟାଳୟଗୁଡ଼ିକ ଲାଗି ଯେଭଳି ମାନଦଣ୍ଡ ହୋଇପାରିବ, ସେ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ପି.ଏମ୍. - କ୍ୟାବିନେଟ୍

କେନ୍ଦ୍ର କ୍ୟାବିନେଟ୍ ଗତକାଲି ଅନୁମୋଦନ କରିଥିବା ଓଡ଼ିଶାରେ ଜାତୀୟ ରାଜପଥ ୩୨୬ର ସମ୍ପ୍ରସାରଣ ଏବଂ ସୁଦୃଢ଼ୀକରଣ ପ୍ରସ୍ତାବକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଭାବେ ଅଭିହିତ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦି କହିଛନ୍ତି, ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବାଦ୍ୱାରା ଓଡ଼ିଶାର ଗଜପତି, ରାୟଗଡ଼ା ଓ କୋରାପୁଟ ଜିଲ୍ଲା ମଧ୍ୟରେ ସଂଯୋଗୀକରଣ ଉନ୍ନତ ହେବା ସହ ଗମନାଗମନ ଅଧିକ ସୁଗମ ହୋଇପାରିବ । ଏତଦ୍‌ବ୍ୟତୀତ ଏହି ପ୍ରକଳ୍ପଦ୍ୱାରା ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହୋଇପାରିବ ଏବଂ ପର୍ଯ୍ୟଟନ ଶିଳ୍ପକୁ ମଧ୍ୟ ପ୍ରୋତ୍ସାହନ ମିଳିବ ବୋଲି ସେ କହିଛନ୍ତି । ସମ୍ପୃକ୍ତ ଜିଲ୍ଲାଗୁଡ଼ିକର ଶିଳ୍ପାୟନ କାର୍ଯ୍ୟ ଏବଂ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ସମାବେଶୀ ବିକାଶ ତ୍ୱରାନ୍ୱିତ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ମହାରାଷ୍ଟ୍ରରେ ୬ ଲେନ୍ ବିଶିଷ୍ଟ ନାଶିକ-ସୋଲାପୁର-ଆକାଲ୍‌କୋଟ୍ ଗ୍ରୀନ୍ ଫିଲ୍‌ଡ୍ କରିଡରକୁ ମଧ୍ୟ ଗତକାଲି କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରି ପ୍ରଦାନ କରିଛି । ପି.ଏମ୍. ଗତିଶକ୍ତି ଯୋଜନା ଅଧୀନରେ ଏହି ରୂପାନ୍ତରିତ ପ୍ରକଳ୍ପ କାର୍ଯ୍ୟକାରୀ ହେବାଦ୍ୱାରା ଯାତାୟତ ସମୟ ଉଲ୍ଲେଖନୀୟ ଭାବେ ହ୍ରାସ ପାଇବ । ଏତଦ୍‌ବ୍ୟତୀତ ପଶ୍ଚିମରୁ ପୂର୍ବକୁ ସଂଯୋଗୀକରଣ ପ୍ରକ୍ରିୟା ଅଧିକ ସଶକ୍ତ ହେବାସହ ଗମନାଗମନ ମଧ୍ୟ ସୁଗମ ହୋଇପାରିବ । ଏହି ପ୍ରକଳ୍ପ ମାଧ୍ୟମରେ ବୃହତ୍ ନିଯୁକ୍ତି ସୁଯୋଗ ସୃଷ୍ଟି

ହୋଇପାରିବା ସହ ଅର୍ଥନୈତିକ ଅଭିବୃଦ୍ଧି ମଧ୍ୟ ସଶକ୍ତ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## କ୍ୟାବିନେଟ୍ ଡିସିସନ୍

କେନ୍ଦ୍ର କ୍ୟାବିନେଟ୍‌ରେ ଗତକାଲି ଦୁଇଟି ରାଜପଥ ପ୍ରକଳ୍ପକୁ ମଞ୍ଜୁରି ପ୍ରଦାନ କରାଯାଇଛି । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଅର୍ଥନୈତିକ ବ୍ୟାପାର କ୍ୟାବିନେଟ୍ କମିଟି' ଓଡ଼ିଶାର ୩୨୬ ନମ୍ବର ଜାତୀୟ ରାଜପଥର ପ୍ରଶସ୍ତିକରଣ ପ୍ରକଳ୍ପକୁ ମଞ୍ଜୁରି ପ୍ରଦାନ କରିଛନ୍ତି । ଏହି ପ୍ରକଳ୍ପ ପାଇଁ ମୋଟ୍ ୧ ହଜାର ୫୨୬ କୋଟି ୨୧ ଲକ୍ଷ ଟଙ୍କା ପୁଞ୍ଜିବିନିଯୋଗ ହେବ। ଶ୍ରୀ ବୈଷ୍ଣବ କହିଛନ୍ତି, ୩୨୬ ନମ୍ବର ଜାତୀୟ ରାଜପଥର ଯାତ୍ରାକୁ ଦ୍ରୁତ, ସୁରକ୍ଷିତ ଏବଂ ଅଧିକ ନିର୍ଭରଯୋଗ୍ୟ କରିବା କ୍ଷେତ୍ରରେ ଏହି ପ୍ରକଳ୍ପ ସହାୟକ ହେବ। ଏଥିସହ ଦକ୍ଷିଣ ଓଡ଼ିଶାର ସାମଗ୍ରୀକ ବିକାଶ ହେବ। ଗଜପତି, ରାୟଗଡ଼ା ଏବଂ କୋରାପୁଟର ଆକାଂକ୍ଷୀ ଓ ଆଦିବାସୀ ଜିଲ୍ଲାଗୁଡ଼ିକ ଏହାଦ୍ୱାରା ଉପକୃତ ହେବେ ବୋଲି ମନ୍ତ୍ରୀ କହିଛନ୍ତି। ଉନ୍ନତ ସଡ଼କ ସଂଯୋଗୀକରଣ, ସ୍ଥାନୀୟ ଜନସାଧାରଣଙ୍କୁ ଲାଭ ପହଞ୍ଚାଇବା ସହ ଶିଳ୍ପ, ଶିକ୍ଷାନୁଷ୍ଠାନ ଏବଂ ପର୍ଯ୍ୟଟନ କେନ୍ଦ୍ରଗୁଡ଼ିକୁ ବଜାର, ସ୍ୱାସ୍ଥ୍ୟସେବା ଏବଂ ନିଯୁକ୍ତି ସୁଯୋଗ ବୃଦ୍ଧି କରିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

Voice (Odisha) :........

ମହାରାଷ୍ଟ୍ରର ନାସିକ–ସୋଲାପୁର–ଅକ୍କଲକୋଟ କରିଡର ନିର୍ମାଣକୁ ମଞ୍ଜୁରି ଦେଇଛନ୍ତି। ୩୭୪ କିଲୋମିଟର ଏହି ରାଜପଥ ପାଇଁ ୧୯ ହଜାର ୧୪୨ କୋଟି ଟଙ୍କା ବିନିଯୋଗ କରାଯିବ। ଏହି ପ୍ରକଳ୍ପ ନାସିକ, ଅହଲ୍ୟାନଗର, ସୋଲାପୁର ଭଳି ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ସହରଗୁଡ଼ିକୁ କୁର୍ଣ୍ଣୁଲ ସହ ସଂଯୋଗ କରିବ। ପ୍ରଧାନମନ୍ତ୍ରୀ ଗତିଶକ୍ତି ଜାତୀୟ ମାଷ୍ଟର ପ୍ଲାନ୍ ନୀତି ଅନୁଯାୟୀ, ସମନ୍ୱିତ ପରିବହନ ଭିତ୍ତିଭୂମି ବିକାଶ କରିବା କ୍ଷେତ୍ରରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

୬ ଲେନ୍ ବିଶିଷ୍ଟ ନାସିକ୍–ସୋଲାପୁର–ଅକ୍କଲକୋଟ କରିଡର ନିର୍ମାଣ ହେଲେ ଯାନବାହନଗୁଡ଼ିକ ଘଣ୍ଟା ପ୍ରତି ୬୦ରୁ ୧୦୦ କିଲୋମିଟର ବେଗରେ ଗତି କରିପାରିବ। ଯାହା ଯାତ୍ରା ସମୟକୁ ୧୭ ଘଣ୍ଟା ହ୍ରାସ କରିବ। ଏହି ପ୍ରକଳ୍ପ ପ୍ରାୟ ୨୫୧ ଦଶମିକ ୦/୬ ଲକ୍ଷ ପ୍ରତ୍ୟକ୍ଷ ମାନବ ଦିବସ ନିଯୁକ୍ତି ପ୍ରଦାନ କରିବା ସହ ୩୧୩ ଦଶମିକ ୮/୩ ଲକ୍ଷ ପରୋକ୍ଷ ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ପ୍ରସ୍ତାବିତ କରିଡର ନିକଟବର୍ତ୍ତୀ ଅଞ୍ଚଳରେ ଆର୍ଥିକ କାର୍ଯ୍ୟକଳାପ ବୃଦ୍ଧି ପାଇବା ଫଳରେ ଆହୁରି ଅତିରିକ୍ତ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହେବ।

Voice (Nasik) :........

# ନିୟୁ ଇୟର୍

ଦେଶବ୍ୟାପୀ ଇଂରାଜୀ ନବବର୍ଷ-୨୦୨୬କୁ ଗତ ମଧ୍ୟରାତ୍ରିରେ ସ୍ୱାଗତ କରାଯାଇଛି । ଦେଶର ବିଭିନ୍ନ ସ୍ଥାନରେ ଜନସାଧାରଣ ଏକତ୍ରିତ ହୋଇ ନବବର୍ଷକୁ ସ୍ୱାଗତ କରିବା ଲାଗି ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିବା ଜଣାପଡ଼ିଛି । ଆଜି ପ୍ରତ୍ୟୁଷରୁ ନବବର୍ଷଟି ଶୁଭମୟ ହେବା ଲାଗି ବହୁ ଶ୍ରଦ୍ଧାଳୁ ବିଭିନ୍ନ ଦେବାଳୟରେ ପୂଜାର୍ଚ୍ଚନା କରୁଛନ୍ତି । ଓଡ଼ିଶାର ଶ୍ରୀକ୍ଷେତ୍ର ପୁରୀରେ ଏଥିଲାଗି ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି । ଶ୍ରଦ୍ଧଳୁମାନେ ଯେଭଳି ଚତୁର୍ଦ୍ଧାମୂର୍ତ୍ତିଙ୍କର ଶୃଙ୍ଖଳିତ ଦର୍ଶନ କରିପାରିବେ, ସେଥିଲାଗି ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ ତଥା ପୁଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି ।

ତେବେ ପ୍ରଶାନ୍ତ ମହାସାଗରୀୟ ଦ୍ୱୀପ ରାଷ୍ଟ୍ର କିରିବାଟି ନୂତନ ବର୍ଷ ୨୦୨୬କୁ ସ୍ୱାଗତ କରିବାରେ ବିଶ୍ୱର ପ୍ରଥମ ଦେଶ ହୋଇପାରିଛି। ଦ୍ୱୀପପୁଞ୍ଜରେ ଘଣ୍ଟାରେ ସମୟ ମଧ୍ୟରାତ୍ରିକୁ ଛୁଇଁବା ପରେ ବିଶ୍ୱବ୍ୟାପୀ ନୂତନ ବର୍ଷ ଉତ୍ସବର ଆନୁଷ୍ଠାନିକଭାବେ ଆରମ୍ଭ ହୋଇଛି।

ବିଶ୍ୱବ୍ୟାପୀ ଆତସବାଜି ପ୍ରଦର୍ଶନ ସହ ନୂଆବର୍ଷକୁ ସ୍ୱାଗତ କରାଯାଇଛି। ଅଷ୍ଟ୍ରେଲିଆର ସିଡନୀ ବନ୍ଦର ଠାରୁ ଆରମ୍ଭ କରି ବ୍ରାଜିଲର ରିଓ

ଡି ଜେନେରିଓର କୋପାକାବାନା ବେଲାଭୂମି ପର୍ଯ୍ୟନ୍ତ ଗତରାତିରେ ସାରା ବିଶ୍ୱରେ ଆତସବାଜୀ ପ୍ରଦର୍ଶନୀ ଆକାଶକୁ ଆଲୋକମୟ କରିଥିଲା ।

## ପ୍ରେଜ୍ - ନିୟୁ ଇୟର ୱିସ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ  ଇଂରାଜୀ ନୂତନ ବର୍ଷ ୨୦୨୬ର ପୂର୍ବ ସନ୍ଧ୍ୟାରେ ଗତକାଲି ଦେଶ ତଥା ବିଦେଶର ନାଗରିକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ କହିଛନ୍ତି, ନୂତନ ଶକ୍ତି ଓ ସକାରାତ୍ମକ ପରିବର୍ତ୍ତନର ପ୍ରତୀକ ଭାବେ ନୂତନ ବର୍ଷ ଆତ୍ମ-ପ୍ରତିଫଳନ ଏବଂ ନୂତନ ସଂକଳ୍ପ ପାଇଁ ସୁଯୋଗ ସୃଷ୍ଟି କରିଥାଏ । ଦେଶର ବିକାଶ, ସାମାଜିକ ସୌହାର୍ଦ୍ଦ୍ୟ ଏବଂ ପରିବେଶ ସୁରକ୍ଷା ପ୍ରତି ନିଜର ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ଲାଗି ରାଷ୍ଟ୍ରପତି ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ୨୦୨୬ ସମସ୍ତଙ୍କ ପାଇଁ ଶାନ୍ତି, ସୁଖ ଓ ସମୃଦ୍ଧି ଆଣିବା ସହ ଏକ ଶକ୍ତିଶାଳୀ ତଥା ସମୃଦ୍ଧ ଭାରତ ଗଠନ ପାଇଁ ନୂତନ ଶକ୍ତି ପ୍ରଦାନ କରିବ ବୋଲି ରାଷ୍ଟ୍ରପତି ଆଶାବ୍ୟକ୍ତ କରିଛନ୍ତି।

## ପାଣିପାଗ

ଓଡ଼ିଶା, ଦିଲ୍ଲୀ, ହରିୟାଣା, ଚଣ୍ଡିଗଡ଼, ପୂର୍ବ ଉତ୍ତର ପ୍ରଦେଶ, ପଞ୍ଜାବ ଏବଂ ପଶ୍ଚିମ ରାଜସ୍ଥାନର ଅନେକ ସ୍ଥାନରେ ଆଜି ଘନ କୁହୁଡ଼ି ଦେଖାଦେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଏତଦ୍‌ବ୍ୟତୀତ ପୂର୍ବ ରାଜସ୍ଥାନ, ହିମାଚଳ ପ୍ରଦେଶ, ଜମ୍ମୁକାଶ୍ମୀର, ଲଦାଖ୍, ଝାଡ଼ଖଣ୍ଡ, ଉତ୍ତରାଖଣ୍ଡ, ପଶ୍ଚିମବଙ୍ଗ, ସିକ୍କିମ୍, ପଶ୍ଚିମ ଉତ୍ତର ପ୍ରଦେଶ ଓ ଦେଶର ଉତ୍ତର-ପୂର୍ବାଞ୍ଚଳରେ ମଧ୍ୟ ଅନୁରୂପ ଅବସ୍ଥା ଜାରି ରହିବ ବୋଲି ବିଭାଗ କହିଛି । ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ଘଡ଼ଘଡ଼ି ଓ ବିଜୁଳି ସହ ଧୂଳି ଝଡ଼ ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ କହିଛି ।

## ନିମେସୁଲାଇଡ୍

୧୦୦ ମିଲିଗ୍ରାମ୍‌ରୁ ଊର୍ଦ୍ଧ୍ୱ ନିମେସୁଲାଇଡ୍ ଥିବା ବଟିକାର ଉତ୍ପାଦନ, ବିକ୍ରୟ ତଥା ବିତରଣ ଉପରେ କେନ୍ଦ୍ର ସରକାର ନିଷେଧାଦେଶ ଜାରି କରିଛନ୍ତି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ଜାରି କରାଯାଇଥିବା ଗେଜେଟ୍ ବିଜ୍ଞପ୍ତିରେ କୁହାଯାଇଛି, ଔଷଧ ବୈଷୟିକ ପରାମର୍ଶଦାତା ବୋର୍ଡ଼ ସହ ପରାମର୍ଶ ପରେ ଡ୍ରଗ୍‌ସ ଓ କସ୍‌ମେଟିକ୍ସ ଆଇନ-୧୯୪୦ର ଧାରା ୨୬-ଏ' ଅନୁଯାୟୀ ସରକାର ଏହି ନିଷ୍ପତ୍ତି ନେଇଛନ୍ତି ।

୧୦୦ ମିଲିଗ୍ରାମରୁ ଊର୍ଦ୍ଧ୍ୱ ପରିମାଣର ନିମେସୁଲାଇଡ୍ ଥିବା ବଟିକା ମାନବ ଶରୀର ପ୍ରତି ବିପଦ ସୃଷ୍ଟି କରିବାର ଆଶଙ୍କା ଥିବାରୁ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ମନ୍ତ୍ରଣାଳୟ କହିଛି ।

*****